# ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

## ବିଜ୍ଞାପନ

ଏତଦ୍‌ଦ୍ୱାରା ସମସ୍ତ ବସ୍ ମାଲିକମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, ବିଭିନ୍ନ ମାର୍ଗମାନଙ୍କରେ ନୂତନ ଅସ୍ଥାୟୀ ପରମିଟ୍ ପ୍ରାପ୍ତି ନିମନ୍ତେ ବସ୍ ମାଲିକମାନେ ପ୍ରସ୍ତାବିତ ସମୟ ସହ ଦରଖାସ୍ତ କରିଅଛନ୍ତି । ଉକ୍ତ ବସ୍‌ଗୁଡିକର ରେଜିଷ୍ଟ୍ରେସନ୍ ନମ୍ବର, ମାଲିକଙ୍କ ନାମ, ଆବେଦନ କରିଥିବା **route** ଏବଂ **timing** ପରିବହନ କମିଶନରଙ୍କର **website:-www.odishatransport.gov.in/orissatransport.nic.in** ରେ ଉପଲବ୍ଧ । ଏହି ପରମିଟ୍ ଦରଖାସ୍ତ ଉପରେ ଯଦି କାହାର କୌଣସି ଆପତି ଥାଏ ତାହେଲେ **Odisha Permit Management System (OPMS)**ରେ ବସ୍ ମାଲିକମାନେ ଆପତି ଦାଖଲ କରିପାରିବେ । ଏହାଛଡା ଶୁଣାଣୀ ଦିନ ମଧ୍ୟ ଆପତି ଦାଖଲ କରିପାରିବେ ।

ଉପରୋକ୍ତ ଦରଖାସ୍ତଗୁଡିକର ଶୁଣାଣୀ ପରିବହନ କମିଶନରଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ, ୭ମ ମହଲା, ରାଜସ୍ୱପର୍ଷଦ ଭବନ, କଟକ ଠାରେ ନିମ୍ନମତେ କରାଯିବ ।

| କ୍ରମିକ ସଂଖ୍ୟା | ତାରିଖ | ସମୟ |
|---|---|---|
| ୧ ରୁ ୧୨୦ | ୨୩.୦୯.୨୦୧୯ | ୧ ରୁ ୭୨-୧୧ଘଟିକା<br>୭୩ ରୁ ୧୨୦-୩ ଘଟିକା |
| ୧୨୧ ରୁ ୨୪୦ | ୨୪.୦୯.୨୦୧୯ | ୧୨୧ ରୁ ୧୯୩ -୧୧ଘଟିକା<br>୧୯୪ ରୁ ୨୪୦-୩ ଘଟିକା |
| ୨୪୧ ରୁ ୩୬୦ | ୨୫.୦୯.୨୦୧୯ | ୨୪୧ ରୁ ୩୧୨-୧୧ଘଟିକା<br>୩୧୩ ରୁ ୩୩୦-୩ ଘଟିକା |
| ୩୬୦ ରୁ ୪୬୪ | ୨୬.୦୯.୨୦୧୯ | ୩୬୧ ରୁ ୪୧୪-୧୧ଘଟିକା<br>୪୧୫ ରୁ ୪୬୪-୩ ଘଟିକା |

ରାଜ୍ୟ ପରିବହନ ପ୍ରାଧିକାରୀଙ୍କ ଦ୍ୱାରା ଆୟୋଜିତ ୨୮୭ ତମ ବୈଠକର ନିଷ୍ପତି ଅନୁଯାୟୀ ନିର୍ଦ୍ଦିଷ୍ଟ ଆନ୍ତଃଜିଲ୍ଲା ମାର୍ଗ ସବିରାମ ଯାତ୍ରୀବାହୀ ଯାନ ଅସ୍ଥାୟୀ ଅନୁମତି ପତ୍ର ନମନ୍ତେ ପ୍ରଥମ ଦରଖାସ୍ତ ଦାଖଲ ହେବା ଦିନଠାରୁ ୩ ମାସ ମଧ୍ୟରେ ଦାଖଲ ହୋଇଥିବା ଆବେଦନ ପତ୍ରଗୁଡିକୁ କିମ୍ବା ଶୁଣାଣୀ ଦିବସ ଧାର୍ଯ୍ୟ ଦିନ ପର୍ଯ୍ୟନ୍ତ ପାଇଥିବା (ଯେଉଁଟି ଆଗ) ଆବେଦନ ପତ୍ରଗୁଡିକ ଏକ ସଙ୍ଗେ ବିଚାରକୁ ନିଆଯିବ । ଉକ୍ତ ଦିବସ ପରେ ଦାଖଲ ହୋଇଥିବା ଦରଖାସ୍ତ ଏକ ସଙ୍ଗେ ବିଚାରକୁ ନିଆଯିବ ନାହିଁ ।

ଏଥି ନିମନ୍ତେ ଦରଖାସ୍ତ ଏବଂ ଆପତ୍ତି କରିଥିବା ବସ୍ ମାଲିକମାନେ ଉକ୍ତ ଦିନ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ନିଜର ପକ୍ଷ ଲିଖିତ ଭାବେ ଏବଂ ମୌଖିକ ଭାବେ ରଖିପାରିବେ । ଦରଖାସ୍ତ କରିଥିବା ବସ୍‌ର Operational Status ପ୍ରମାଣପତ୍ର, ଦରଖାସ୍ତ ଏବଂ ଆପତ୍ତି କରିଥିବା ବ୍ୟକ୍ତି ଏବଂ କ୍ଷମତାପ୍ରାପ୍ତ ବ୍ୟକ୍ତି ନିଜର ମୂଳ ପରିଚୟପତ୍ର ଏବଂ କ୍ଷମତା ପତ୍ର ସହ ଉପସ୍ଥିତ ରହିବାକୁ ଅନୁରୋଧ କରାଗଲା ।

ସଚିବ

ରାଜ୍ୟ ପରିବହନ ପ୍ରାଧିକାରୀ

ଓଡ଼ିଶା, କଟକ